# ବାସି ମଡ଼ା

ମେଡିକାଲ ୱାର୍ଡ ବାରଣ୍ଡାର ଗୋଟିଏ ଦୁର୍ଗନ୍ଧ, ସନ୍ତସନ୍ତିଆ, ଅନ୍ଧକାର କୋଣରେ ଖଣ୍ଡେ ଛିଣ୍ଡା କମ୍ବଳରେ ନିଧି କାନଗୋଇଙ୍କ ମଡ଼ା ଗୁଡ଼ାଗୁଡ଼ି ହୋଇ ପଡ଼ିଛି ।

ରାତିଟା ପାଇଁ କେବଳ ଏଠାରେ ମଡ଼ା ରଖିବା ପାଇଁ ଅନୁମତି ମିଳିଛି । ସକାଳୁ ମଡ଼ା ନ ଉଠିଲେ, ମେହେନ୍ତର ଉଠେଇ ନେବେ । ଡାକ୍ତରଖାନାର ନିୟମ ।

ବ୍ରଜବନ୍ଧୁ ଗୋଟିଏ ଦୀର୍ଘନିଶ୍ୱାସ ପକାଇ ବାହାରର ଅନ୍ଧାର ରାତି ଆଉ ମେଘ ଭିତରକୁ ଅନାଇଁ ରହିଲେ ।

ଜନ୍ମାଷ୍ଟମୀ ରାତି । ଆକାଶରେ ତିନିମେଘ ଏକାଠି । ଆଜି ଖରାବେଳୁ ମେଘ-ଅସରା ଏପର୍ଯ୍ୟନ୍ତ ଲଗାଇଛି, ସେଥିରେ ବିରାମ ନାହିଁ । ଝଡ଼ ନ ଥିଲା । ସନ୍ଧ୍ୟାବେଳୁ ଆକାଶରେ ଝଡ଼ ଉଠିଛି । କଳା କିଟକିଟ ଅନ୍ଧକାରର କଳାନାଗ ଫେଣାରେ କଟା ଜିଭ ପରି ଲଟା ବିଜୁଳି ଲହ ଲହ ହେଉଛି ।

ନିଧି କାନଗୋଇଙ୍କ ମଡ଼ା ବାସି ହେଲା । ଆଉ କି ଉପାୟ ଅଛି? ହରିପୁର ଗାଁ ଏଠୁ ବାର ମାଇଲ ବାଟ । ସନ୍ଧ୍ୟା ପରେ ଷ୍ଟେସନ୍‌ରୁ ଆଉ ବସ୍ ମିଳେ ନାହିଁ । ଶେଷ ବସ୍ ଥିଲା ସନ୍ଧ୍ୟା ପାଞ୍ଚଟାରେ । ବସ୍‌ଷ୍ଟାଣ୍ଡରୁ ପୁଣି ଦୁଇମାଇଲ ବାଟ, ପାଦରେ ଚାଲିଗଲେ, ହରିପୁର ଗାଁ... କିଆଗୋହିରୀ ଆଉ ବାଉଁଶବଣଘେରା, ଅପାଣ୍ଡବା ଗାଁ, ହରିପୁର ।

ଅନନ୍ତ କାଲି ଭୋର ବସ୍‌ରେ ଯିବ ହରିପୁର । ସକାଳୁ ସକାଳୁ ମଡ଼ାଭାଇମାନେ ଆସିଗଲେ, ଶବସଂସ୍କାର ହେବ । ସେ ପର୍ଯ୍ୟନ୍ତ ନିଧି କାନଗୋଇଙ୍କ ମଡ଼ା ପଡ଼ି ରହିବ ସେଠି, ଏଇ ସେ ଦୁର୍ଗନ୍ଧ ଅନ୍ଧକାର କୋଣରେ ।

ଦୁଇଟା କୁକୁର କାମୁଡ଼ା କାମୁଡ଼ି ହୋଇ ନିଧି କାନଗୋଇଙ୍କ ମଡ଼ା ଆଡ଼େ ଧାଇଁ ଆସିଲେ । କଳା ଛଉଛଉକା ଦୁଇଟା କୁକୁର, ପଚାମାଂସର ଗନ୍ଧ, ନାକପୁଡ଼ା ଫୁଲେଇ ଆଘ୍ରାଣ କରୁଥିଲେ । ଭିତରର ବିଜୁଳି ଆଲୁଅ ଗୋଟାଏ କୁକୁରର ମୁନିଆଁ ଦାନ୍ତ ଆଉ ଲହ ଲହ ଜିଭ ଉପରେ ଜିକ୍ ଜିକ୍ କରୁଥିଲା । ନିଧି କାନଗୋଇଙ୍କ ମଡ଼ା ଠାରୁ ଅଳ୍ପ ଦୂରରେ କୁକୁର ଦୁଇଟା ପରସ୍ପର ପ୍ରତି ଦାନ୍ତ ଦେଖାଇ, ପରସ୍ପର ବିରୁଦ୍ଧରେ ଅସ୍ଫୁଟ ଗର୍ଜନ କରି ବସି ପଡ଼ିଲେ... ବିତ୍ତଶାଳୀ ଉତ୍ତରାଧିକାରୀହୀନ ବୃଦ୍ଧର ମୃତ୍ୟୁଶଯ୍ୟା ପାଖରେ, ଦୁଇଜଣ ଦୂରସମ୍ପର୍କୀୟ ଦରିଦ୍ର ଆତ୍ମୀୟଙ୍କ ପରି!

ବ୍ରଜବନ୍ଧୁ, ଦୁର୍ ଦୁର୍ କହି ତଳୁ ଗୋଟାଏ ଗୋଡ଼ି ଉଠାଇ କୁକୁର ଦୁଇଟାଙ୍କ ଉପରକୁ ଫିଙ୍ଗିଲେ । ବ୍ରଜବନ୍ଧୁଙ୍କ ଆଡ଼େ କ୍ଷୁଧିତ ଆଖିରେ ଚାହିଁ କୁକୁର ଦୁଇଟା ସେଠୁ ଅନ୍ୟଆଡ଼େ ପଳାଇଲେ ।

ଡିଉଟୀ ରୁମ୍‌ରେ ନର୍ସର ଖିଲିଖିଲି ହସ ଶୁଭୁଛି-ତରୁଣ ହାଉସ ସର୍ଜନ ସହିତ ଏହି ମେଘ-ମୁଖରିତ, ଜଳକଣାସିକ୍ତ, ଆଲିଙ୍ଗନର ନିବିଡ଼-ଉଷ୍ମ ସନ୍ଧ୍ୟାରେ କୌତୁକ ପରିହାସର ଖିଲିଖିଲି ହସ ।

ଅନନ୍ତ କାଲି ଭୋର ବସ୍‌ରେ ପହଞ୍ଚିବ, କଣିଆଁ ବଜାର ବସ୍ ଷ୍ଟାଣ୍ଡରେ । ହରିପୁର ସେଠୁ ଦୁଇମାଇଲ ରାସ୍ତା । ବର୍ଷା କାଦୁଅରେ ଶଗଡ଼ ଗଳିପଡ଼େ ଅଖ ପର୍ଯ୍ୟନ୍ତ ।...ଝିପି ଝିପି ମେଘ, ମେଘୁଆ ଝଡ଼ ପବନ । ରାସ୍ତା ଦୁଇପାଖରେ ବେଉଷଣ କିଆରୀରେ ତଳକୁ ମୁଣ୍ଡ ପୋତି ଅଣ୍ଟା ନୁଆଇଁ କାଦୁଅ ଘାଣ୍ଟୁଥିବା ମଣିଷମାନେ ଦିଶୁଥିବେ, ପାଣିଭିଜା କାଗଜଠୁଙ୍ଗା ପରି ।...

କାଲି ସକାଳେ...

ହରିପୁର ଗାଁରେ ଚହଳ ପଡ଼ିଯିବ...ଶୁଣିଲଣି, 'କାଲି ନିଧି କାନଗୋଇ ବଡ଼ ଡାକ୍ତରଖାନାରେ ଚାଲିଗଲେ । ଅନନ୍ତ ଗାଁକୁ ଆସିଛି ମଡ଼ାଭାଇ ଡାକି ।' ... ନଳିତା କିଆରୀରେ, ଧାନ ବେଉଷଣ ବିଲରେ, କଦଳୀ ବାଡ଼ିରେ, ଗାଧୁଆ ତୁଠରେ, ଦାଣ୍ଡ ପିଣ୍ଡାରେ, ଘର କୋଣରେ, ନାଳ ବନ୍ଧରେ, ଗାଁ ଦାଣ୍ଡ ଗୋହିରୀରେ, ସେଇ ଗୋଟିଏ ଖବର, ନିଧି କାନଗୋଇ ଚାଲିଗଲେ ।

ଦୁର୍ଦ୍ଦଣ୍ଡ, ଚାରିଦଉଡ଼ିକଟା, ହୁଙ୍କାପିଟା, ମନୁଆଁ, ଟାଉଟର, ଗୁଣ୍ଡା, ପରୋପକାରୀ, ରାତି ଅଧରେ ଡାକିଲେ 'ଓ' କରେ, ମନକୁ ପାଇଲେ ପରପାଇଁ ବେକ ଦେଖାଇ ଦିଏ, ସିଧା କଥାରେ ମୁହଁ ଉପରେ ଠୋ ଠୋ କରି ଶୁଣାଇ ଦିଏ, ପାଟିରେ ପାଟିରେ ସବୁବେଳେ ଦୋ-ଅକ୍ଷରୀ ଗାଳି, କାନଗୋଇ ସାହିର କଳଙ୍କ, ହରିପୁର ଗାଁର ଅଭିଶାପ, କାଙ୍ଗାଳ, ଦରିଦ୍ର, ଛେଳି, କୁକୁଡ଼ାପୋଷା, ନିଧି କାନଗୋଇ ଚାଲିଗଲେ । କିନ୍ତୁ ମଣିଷଟାଏ ଚାଲିଗଲା ଏକା!

ଧାନ କିଆରୀରେ ଦମକାଏ ବର୍ଷାଭିଜା ପବନ ପରି ଅପାଣ୍ଡବା ହରିପୁର ଗାଁରେ ନିଧି କାନଗୋଇ ଚାଲିଯିବା ଖବର ଦଣ୍ଡକ ପାଇଁ ଖେଳି ଯାଇ ପୁଣି ସବୁ ନୀରବ ହୋଇଯିବ ।

ନାଥ ଦାଦି ପିଣ୍ଡାରେ ବସିଥିବେ, ମୁଣ୍ଡରେ ଛିଣ୍ଡା ମଫଲର ଗୁଡ଼େଇ, ଦେହ ଉପରେ ଖଣ୍ଡେ କମ୍ବଳ ଢାଙ୍କି । ସତେ ଯେପରି ମାର୍ଗଶିର ମାସ! ସକାଳୁ ଉଠି ସେ ଦମେ ଖଁ ଖଁ କାଶନ୍ତି । ତା' ପରେ ଉପରସାହିରୁ ଆସିଥିବା ପନ୍ଦରଦିନ ତଳର ଖବରକାଗଜ ଖଣ୍ଡ ନାକ ଅଗରେ ଚଷମା ଲଗାଇ ପଢ଼ନ୍ତି । ବିଧବା ଭଉଣୀ ନିଶି, ବୟସ ଷାଠିଏରୁ ଟପିଲାଣି-ଗୋଟାଏ ଆଲୁମିନିଅମ ଡେକ୍‌ଚିରେ ଅଧ ଡେକଚି ନାଲି ଟକଟକ ଚାହା ଆଉ ଗୋଟାଏ କଂସା ଡାଟିଆ ଆଣି ରଖି ଦେଇଯାଏ । ନିଧି କାନଗୋଇଙ୍କ "ଯିବା" ଖବର, ସେ ନିତ୍ୟ ନୈମିତ୍ତିକତାରେ କୌଣସି ବ୍ୟତିକ୍ରମ ଆଣିବ ନାହିଁ । ଆଜି ବରଂ, ଚିନି-କମ୍-କଷା-ଚାହାରେ ସେ ଗୋଟାଏ ନୂଆ ଆସ୍ୱାଦ, ଗୋଟାଏ ନୂଆ ଉତ୍ତେଜନା ପାଉଥିବେ ।

ଗୋଟାଏ କଳଙ୍କ ଗଲା । ଏଣିକି କାନଗୋଇ ସାହିର ଇଜ୍‌ମାଲୀ ଢିଅ ଶାନ୍ତ ପଡ଼ିବ । ଇଜ୍‌ମାଲୀ ଢିଅବାଡ଼ି ମିଶି ଚାରିମାଣ ଛଅଗୁଣ୍ଠ ପାଞ୍ଚବିଶ୍ୱା । ଆଗେ ଥିଲେ, ଦୁଇ ଭାଇ-ଦୁଇ ଅଂଶ । ବଡ଼ ଅଂଶ ଦଶପଣ, ସାନ ଅଂଶ ଛପଣ । ଆଜି ମୋଟ ଏଗାର ଅଂଶ । ବଡ଼ ଅଂଶରେ ଛଅ ଭାଗୀଦାର, ସାନ ଅଂଶରେ ପାଞ୍ଚ । ଖାତା ଫଡ଼ା ହୋଇନାହିଁ । କାନଗୋଇ ସାହିରେ ତେଣୁ ସବୁଦିନେ କୁରୁପାଣ୍ଡବ ଯୁଦ୍ଧ । କାହା ବାଡ଼ କାହା ଜମି ଉପରକୁ ଦାଢ଼େ ମାଡ଼ି ଆସିଛି ତ କାହା ଚାଳଓଳି କାହା ହାତିଅନ୍ଧ ଆଡ଼କୁ କେଇ ଆଙ୍ଗୁଳି ଚଢ଼ି ଯାଇଛି । କିଏ ତାହା ବାଡ଼ିରୁ ଜହ୍ନି କଷିଟାଏ ଛିଣ୍ଡେଇ ନେଇଛି ତ, କାହା ଗୋରୁ କାହା ଚାଳରୁ ଛଣ ବିଡ଼ାଏ ଓଟାରି ଖାଇଛି ।

ହରିପୁର ଗାଁ କାନଗୋଇସାହି ବଡ଼ ଅଭିଶପ୍ତ । ଲୋକଗୁଡ଼ା ଅତି ଦରିଦ୍ର । ଜୀବନ ସଂଗ୍ରାମରେ ସବୁ କୋମଳ ପ୍ରବୃତ୍ତି ଜଳି ଯାଇଛି । ପେଟପାଟଣା ପାଇଁ କୋରାପୁଟଠାରୁ କାଳିମାଟି ଯାଏ ସମସ୍ତେ ମାଡ଼ି ଯାଇଛନ୍ତି ପଙ୍ଗପାଳ ପରି । ବର୍ଷରେ ଥରେ ଅଧେ କିଏ କେବେ ଆସନ୍ତି । ଘର ଭିତରେ ପଡ଼ି ରହିଥାନ୍ତି, କେଇଟା ବିଧବା ପିଉସୀ, ଅପା, ସି-ଅକ୍ଷର ବିବର୍ଜିତ ଭେଣ୍ଡା ଆଉ ନାଥଦାଦି ବୁଢ଼ା । ଚାଳ ଛପର ସମସ୍ତଙ୍କର ସବୁ ବର୍ଷ ହୋଇପାରେ ନାହିଁ । ହାଡ଼ କଙ୍କାଳ ମେଲି କେତେ ଚାଳ ଉପରକୁ ଅନାଇଁ ପଡ଼ିଥାଏ । ଆଉ କେତେ ଚାଳ ଉପରେ ମାଡ଼ିଥାଏ କଖାରୁ, ପାଣିକଖାରୁ ଲଟା ।

ନିଧି କାନଗୋଇ ସାନ ଅଂଶରେ । ପାଞ୍ଚଭାଇ ସମସ୍ତେ ଭିନେ ହୋଇଛନ୍ତି ଗତ ପୁରୁଷରୁ । ପ୍ରତ୍ୟେକଙ୍କ ଭାଗରେ ଢିଅ ବାଡ଼ି ଦଶ ଗୁଣ୍ଠ । ସମସ୍ତେ ପେଟ ପାଟଣା ପାଇଁ ବିଦେଶରେ । ସାନ ଅଂଶର ମୁରବୀ ନାଥଦାଦି, ଗତ ତିନି ବର୍ଷ ହେଲା ପେନ୍‌ସନ ନେଇ ଗାଁରେ ଆସି ରହିଛନ୍ତି । ସେ ଥିବା

ନଥିବା ସମାନ । ଧଇଁକାଶ ଆଉ ଶ୍ୱାସ ବେମାରୀରେ ଦାଣ୍ଡପିଣ୍ଡାରୁ ଓହ୍ଲାଇବା ତାଙ୍କ ପକ୍ଷରେ କଷ୍ଟ । ତେଣୁ ନିଧି ସମସ୍ତଙ୍କୁ ଡରାଇ, ଦବାଇ, ଠେଙ୍ଗା ଉଞ୍ଚେଇ , ଦୋ-ଅକ୍ଷରୀ ଶୋଧି, ନିଜେ ଯାହା ପାରନ୍ତି ସବୁ ଭୋଗ କରିଥାନ୍ତି! ନିଧି କାନଗୋଇଙ୍କ କଥା କଥାକେ ଠେଙ୍ଗା ବାଡ଼ି । ମାଡ଼କୁ ତ ଶିବଙ୍କର ଡର!

ଶଙ୍କର ଗଉଡ଼, ୱାର୍ଡ ମେହେନ୍ତର । ଖଣ୍ଡେ ବିଡ଼ି ଲଗାଇ ଆସି ବ୍ରଜବନ୍ଧୁଙ୍କ ପାଖରେ ଅଳ୍ପ ଦୂରରେ ଠିଆ ହେଲା । ପିନ୍ଧିଛି ଖଣ୍ଡେ ନେଳି କନାର ହ୍ୟାଫ୍‌ପ୍ୟାଣ୍ଟ , ଦେହରେ ସେହି ରଙ୍ଗର ଖଣ୍ଡେ ଫତେଇ । ନାକ ତଳେ ଦୁଇପଟ ବାଘୁଆ ନିଶ । ପାଟିରେ ଖଜୁରୀତାଡ଼ିର ଖଟା ଗନ୍ଧ । ପାଖରେ କେଉଁଠି ଗୋଟାଏ ଘଡ଼ଘଡ଼ି ପଡ଼ିଲା ପରା! କିଳିକିଳା ବିକଟ ଶବ୍ଦରେ କାନ ଅତଡ଼ା ପଡ଼ିଗଲା । ବ୍ରଜବନ୍ଧୁ ଅସ୍ଫୁଟ କଣ୍ଠରେ ଦୁଇ ତିନିଥର ରାମ୍ ରାମ୍ କହିଲେ ।

ଙ ଙ ଙ ଙ

ପୁଣି ସେଇ କୁକୁର ଦୁଇଟା ଜିଭ ଲହ ଲହ କରି କୁଆଡୁ ଧାଇଁ ଆସୁଥିଲେ; ମାତ୍ର ଶଙ୍କର ଗରଡ଼ର ଦୋ-ଅକ୍ଷରୀ ଗାଳି ଶୁଣି ସେମାନେ ପିଣ୍ଡା ତଳେ ଅନ୍ଧାରରେ ଲୁଚିଗଲେ ।

ଶଙ୍କର ଗଉଡ ଅନ୍ଧାରରେ ପଡ଼ିଥିବା ନିଧି କାନଗୋଇଙ୍କ ଶବ ଆଡ଼େ ଚାହିଁ ଭାବୁଥିଲା... ବେୱାରିସ୍ ଲାସ । ଘର କୋଉ ଦୂର ମଫସଲରେ । ଏଠି ପଡ଼ିଥିଲା ତେଇଶ ନମ୍ବର ବେଡ଼ରେ । ପାଖରେ କେହି ନ ଥିଲେ । ଲାସ ନେବାକୁ କେହି ହୁଏତ ଆସିବେ ନାହିଁ । ଶଳା ଆନାଟମୀବାଲା ଲାସ୍‌ଟାକୁ ଯଦି ନ ନିଅନ୍ତେ, ତା ' ହେଲେ ହାଡ଼ ବିକି ଦୁଇ ଶହ ଟଙ୍କା ମିଳନ୍ତା! ଆରବର୍ଷ ତିନିଟା କଲେରା ରୋଗୀ ଲାସ ମିଳିଥିଲା । ଆନାଟମୀବାଲା ବି ଛୁଇଁଲେ ନାହିଁ । ଶଙ୍କର ଗଉଡ଼ ଘରେ ଗୋଟାଏ ବଡ଼ ମାଟିକୁଣ୍ଡ ଅଛି । ସେଥିରେ ହାଇଡ୍ରୋଜେନ୍ ପାରୋକ୍‌ସାଇଡ୍ ପାଣି ଭର୍ତ୍ତି କରି ଲାସ୍ ଗୁଡ଼ାଙ୍କୁ ସିଝାଇ ସେ ହାଡ଼ ବାହାର କରିଥିଲା । ଆରବର୍ଷ ଗୋଟାଏ ଦେହର ହାଡ଼ ଖଞ୍ଜିଦେଲେ ଦେଢ଼ଶହ ଦୁଇଶହ ଟଙ୍କାରେ ବିକ୍ରି ହେଉଥିଲା । ଏ ବର୍ଷ ଦାମ୍ ବଢ଼ିଛି । ଆର ୱାର୍ଡର ମଧୁ ଜମାଦାର ଏବେ ଗୋଟାଏ ମଣିଷ କଙ୍କାଳ ବିକ୍ରି କଲା ଅଢ଼େଇଶହ ଟଙ୍କାରେ ।

ଏଥର ତିନିଟା କୁକୁର ଦଳ ବାନ୍ଧି ପିଣ୍ଡା ଉପରକୁ ଉଠି ଆସିଲେ । ବାହାରେ ବର୍ଷାର ବେଗ ବଢୁଛି । ଶଙ୍କର ଗଉଡ଼ ତଳୁ ଗୋଟାଏ ଗୋଡ଼ି ଉଠାଇ ଫିଙ୍ଗିଲା । ମାତ୍ର ଏଥର ଗୋଡ଼ି ମାଡ଼ରେ କୁକୁରପଲ ଯିବା ପାଇଁ ପ୍ରସ୍ତୁତ ନ ଥିଲେ । କୁକୁର ତିନିଟା ଗଁ ଗଁ ଗର୍ଜନ କରି ଶଙ୍କର ଗରଡ଼ ଆଡ଼େ ଚାହିଁଲେ । ଶଙ୍କର ଗରଡ଼ ଯେପରି ସେମାନଙ୍କ ପ୍ରତିଦ୍ୱନ୍ଦୀ ।

ଡିଉଟି ରୁମ୍ ଭିତରେ ନର୍ସର ଖିଲିଖିଲି ହସ ଶୁଭୁଛି ।

ଶଙ୍କର ଗଉଡ ୱାର୍ଡ ଭିତରକୁ ପଶିଯାଇଁ କେଉଁଠୁ ଖଣ୍ଡେ ଠେଙ୍ଗା କାଢ଼ି, କୁକୁର ତିନିଟାଙ୍କ ଆଡ଼େ ଉହୁଙ୍କି ଗଲା । କୁକୁରପଲ ପଳେଇଗଲେ । ନିଧି କାନଗୋଇଙ୍କ ମଡ଼ା କମ୍ବଳରେ ଗୁଡ଼ାହୋଇ ବାସୀ ହେଉଛି । ରାତି ନଅଟା ବାଜିଲାଣି । ବର୍ଷା ଛାଡ଼ିବାର ଲକ୍ଷଣ ଦିଶୁନାହିଁ ।

ନିଧି କାନଗୋଇ ସାନଭାଇ । ଇଜ୍‌ମାଲୀ ଡିଅର ନାନା ବାଣ୍ଟକୁଣ୍ଟ ଜହ୍ନି କଷି ବା କାକୁଡ଼ି ଛିଣ୍ଡାର ନାନା ବାସ୍ତବ ଓ କଳ୍ପିତ ଘଟଣା ଘେନି ନାନା ବୀଭତ୍ସ କଳହର ଅଶ୍ଳୀଳ ଗାଳିଗୁଲଜ ପୁଣି ଠେଙ୍ଗା ଉଞ୍ଚାଉଞ୍ଚିର ନାନା ତିକ୍ତ ସ୍ମୃତିକୁ ନିମଜ୍ଜିତ କରି ବ୍ରଜବନ୍ଧୁଙ୍କର ମନେ ପଡୁଥିଲା, ନିଧି କାନଗୋଇଙ୍କ ରୁକ୍ଷ ଦାରିଦ୍ର୍ୟନିପୀଡ଼ିତ ଅଶ୍ଳୀଳ ଜୀବନରେ ଯାହା କିଛି ଥିଲା ସୁନ୍ଦର ଓ ସ୍ମରଣୀୟ । ନିଧିଭାଇ, ବୟସରେ ଥିଲେ ପ୍ରାୟ ପନ୍ଦରବର୍ଷ ବଡ଼ ।

...ମୃତ୍ୟୁ ଅଦ୍ଭୁତ ।

ମୃତ୍ୟୁର ନିଷ୍କରୁଣ କଷଟୀ ପଥରରେ କିନ୍ତୁ ଜୀବନର ସ୍ୱର୍ଣ୍ଣ-ଦ୍ୟୁତି ଫୁଟିଥାଏ ।

ମୃତ୍ୟୁ, ତେଣୁ ଜୀବନର ଚରମ ସାର୍ଥକତା ।

ନିଧି କାନଗୋଇ ଜିତିଛନ୍ତି । ଆଜି ତେଣୁ ତାଙ୍କ ଅଶ୍ଲୀଳ ଜୀବନରେ ଯାହା କିଛି ସୁନ୍ଦର ଓ ସ୍ମରଣୀୟ ସେହି ସବୁ ବ୍ରଜବନ୍ଧୁଙ୍କର ତୁହାଇ ତୁହାଇ ମନେ ପଡୁଥିଲା ।

-ଅଭିଶପ୍ତ ହରିପୁର କାନଗୋଇ ସାହି ଦାଣ୍ଡରେ ସେହି ଯେଉଁ କଳା କିଟ୍ କିଟ୍ ଚନ୍ଦାମୁଣ୍ଡିଆ ଅଶ୍ଲୀଳ ମୂର୍ତ୍ତିଟି ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ଅଶ୍ରାବ୍ୟ ଗାଳି ବର୍ଷଣ କରି କରି ବାଁ ହାତରେ ପଟେ କଟୁରୀ ଆଉ ଡାହାଣ ହାତରେ ଖଣ୍ଡେ ଠେଙ୍ଗା ଧରି ବୁଲୁଥିଲା, ସେ ଆଜି ପଡ଼ିଛି ଏଇ ସେଇ ଅନ୍ଧାର କୋଣରେ ଖଣ୍ଡେ କମ୍ବଳରେ ଗୁଡ଼ା ହୋଇ ।

ସ୍ତ୍ରୀ ବହୁଦିନୁ ମରିଥିଲେ । ବ୍ରଜବନ୍ଧୁ ତାଙ୍କୁ ଡାକୁଥିଲେ ନୂଆବୋଉ । ତାଙ୍କ ହାତର ଶାଗଖରଡ଼ାର ସ୍ୱାଦ ଏବେ ସୁଦ୍ଧା କାନଗୋଇ ସାହିରେ ଅନେକେ ମନେ ରଖିଛନ୍ତି । ଘୁଷୁରୀ ବେକରେ ମଲ୍ଲୀମାଳ ପରି ନିଧି କାନଗୋଇଙ୍କ ଲକ୍ଷ୍ମୀଛଡ଼ା ସଂସାରକୁ ସେ ଆସିଥିଲେ । ମାଡ଼ ଖାଇ ଖାଇ ମଲେ । ଦୁଇପୁଅ ଆଉ ଗୋଟିଏ ଝିଅ । ବଡ଼ପୁଅ ସାଙ୍ଗରେ ସବୁଦିନେ କଳି ମାଡ଼ । ବାପ ଦାଉରେ ସେ କେବେଠୁ ଗାଁ ଛାଡ଼ିଛି । ସାନପୁଅ ବଇଦ, ମାଛ ଧରେ, ରାତିରେ ଯାହା ବାଡ଼ିରୁ ପାରେ ତା' ବାଡ଼ିରୁ କଦଳୀ ପଣସ ଚୋରୀ କରେ, ପାନ ବେପାର କରେ । ଝିଅ ସାରୀ ନଅ ବର୍ଷ ଦିନୁ ମାଠିଆରେ କୂଅରୁ ପାଣି କାଢ଼େ, ବାସନ ମାଜେ, ଭାତ ରାନ୍ଧେ, ଆଉ ଭାଇଠାରୁ ପିଟା ଖାଏ, ବାପଠାରୁ ଅଶ୍ରାବ୍ୟ ଗାଳି ଶୁଣେ!... ଶ୍ରୀହୀନ ଦାରିଦ୍ର୍ୟ , ନିର୍ମମ ଅଭାବ, ନିଷ୍କରୁଣ କ୍ଷୁଧା, ମଣିଷକୁ କରିଛି ପଶୁ! ନୋହିଲେ ସେମାନଙ୍କର ଦୋଷ ବା କ' ଣ?

ଘର କହିଲେ ଭୁଷୁଡ଼ା ମାଟି କାନ୍ଥ । ଉପରେ ତିନିବର୍ଷ ତଳର ପାଣିଖତରା ପାଉଁଶିଆ ଚାଳ । ଘରଦାଣ୍ଡରେ ଗୁଣ୍ଠେ ଜମିରେ ବାଇଗଣ, ଲଙ୍କାମରିଚ, ଖଡ଼ା ଆଉ କଦଳୀର ଜଙ୍ଗଲ ।

ନିଧି କାନଗୋଇ ସେଇ ଲଙ୍କାମରିଚ ଆଉ ଖଡ଼ାକୁ ସମ୍ବଳ କରି ଚଳିଛି । ଠକିଛି । ଚୋରି କରିଛି । ଦଗାବାଜି କରିଛି । ଅନ୍ୟକୁ ତଳିତଳାନ୍ତ କରିଛି । ମାତ୍ର କାହାରିଠାରେ ମୁଣ୍ଡ ନୁଆଇଁ ନାହିଁ । ତା' ତୁଣ୍ଡରେ ସମସ୍ତଙ୍କ ପାଇଁ ଦୋ-ଅକ୍ଷରୀ ସମ୍ବୋଧନ ।

କାଲି ସକାଳେ ନଳିତା ବିଲରେ, ଧାନ କିଆରୀରେ, କଦଳୀ ବଗିଚାରେ, ନାଳ ବନ୍ଧରେ, ଗାଁ ଦାଣ୍ଡ ଗୋହିରୀରେ ସେହି ସବୁ ଆଲୋଚନା ପଡ଼ିବ ।

ରଜସଂକ୍ରାନ୍ତିକୁ ବ୍ରଜବନ୍ଧୁ ଯାଇଥିଲେ ହରିପୁର, ଘରଛପର ପାଇଁ । ସ୍କୁଲ ଛୁଟି । କାନଗୋଇସାହି ଅସ୍ୱାଭାବିକ ଭାବରେ ନୀରବ । ସବୁଥର ଗାଁ ମୁଣ୍ଡକୁ ଶୁଭେ ନିଧି କାନଗୋଇଙ୍କ ଅଶ୍ଲୀଳ ଚିତ୍କାର ଆଉ ଗାଳି! ବଇଦା ଖଣ୍ଡେ ଛିଣ୍ଡା ଗାମୁଛା ପିନ୍ଧି ହାତରେ ଗୋଟାଏ ବନସ ଖଡ଼ା ଆଉ ମାଛ ଖାଳୋଇ ଧରି ଫେରୁଥିଲା । ବଇଦ ଦଣ୍ଡବତ ହେଲା ।

ବ୍ରଜବନ୍ଧୁ ପଚାରିଲେ... "ବାପା ନାହିଁ କି?"

"ବାପାକୁ ଜର ।"

“କେବେଠୁ?”

“ସେଇ କାର୍ତ୍ତିକ ମାସରୁ ।”

ବଇଦ ମାଛ ଧରିବାକୁ ଚାଲିଗଲା ।

ବ୍ରଜବନ୍ଧୁ ଭଙ୍ଗା କାଛକୁଡ଼ ଭିତରେ ନିଧି କାନଗୋଇଙ୍କ ଚାଳିଆ ଆଡ଼େ ଚାହିଁଲେ । ପିଣ୍ଡାରେ ଛେଳିଟାଏ ବନ୍ଧା ହୋଇ ମେଁ ମେଁ ରଡ଼ି ଛାଡ଼ିଛି । ଭିତରୁ ଚେଚେଇଁଆ କଣ୍ଠରେ ଚିତ୍କାର ଶୁଭିଲା... “ସାରୀ, ବେ ସାରିଆ, ହାରାମଜାଦି!”

ସାରୀ ଠାରୁ କୌଣସି ଉତ୍ତର ମିଳିଲା ନାହିଁ ।

ଭିତରୁ ଆଉରି ଅଶ୍ରାବ୍ୟ ଭାଷାରେ ଗାଳି ଶୁଭିଲା । କଳରେ ଖଣ୍ଡେ ପାନ ଗୁଞ୍ଜି, ପାଦରେ ଗୁଆ ଖୋଳରେ ଚଟି ଆଉ ଦେହରେ ଖଣ୍ଡେ ନୂଆ ଛିଟ ଫ୍ରକ୍ ପିନ୍ଧି ସାରୀ କେଉଁଆଡୁ ଧାଇଁ ଆସୁଥିଲା । “ଲୋ ସାରୀ, ସାରିଆ ହାରାମ୍‌ଜାଦୀ, ଆ ଆଜି ତୋ ମୁଣ୍ଡ ଛିଣ୍ଡୋଉଛି!”

ସାରୀ ଦାଣ୍ଡ ଆଗରେ ରହିଗଲା । ଏକ ଆସନ୍ନ ବିପଦର ଆଶଙ୍କାରେ ତା’ ର ଦୁଇ ଉଜ୍ଜ୍ୱଳବର୍ଣ୍ଣ ଆଖି ଛଳଛଳ ହୋଇଗଲା । ମୁଣ୍ଡ ଉପରେ ଦି’ ପହରିଆ ଖରା ନିଆଁ ଓଜାଡୁଛି । ଆହା! ବିଚାରୀ ମା’ ଛେଉଣ୍ଡୀ ଝିଅ! ଠିକ୍ ନୂଆବୋଉ ପରି ଚେହେରା ।

ବ୍ରଜବନ୍ଧୁ କହିଲେ... “ଆଲୋ ସାରୀ । ମୋ ସାଙ୍ଗରେ ଆ! ବାପାକୁ ଦେଖି ଆସିବା ।”

ବଳି ଖୁଣ୍ଟିକୁ ଛେଳି ଯିବା ପରି ସାରୀ ବ୍ରଜବନ୍ଧୁଙ୍କ ପଛେ ପଛେ ନିଧି କାନ୍‌ଗୋଇଙ୍କ ପିଣ୍ଡା ଉପରକୁ ଉଠିଲା ।

ଗୁମ୍ଫା ପରି ଭିତରଟା ଅନ୍ଧାର । ମୂତର ସନ୍ତସନ୍ତିଆ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ନିଧି ଖଣ୍ଡେ ଛିଣ୍ଡା ବିଛଣା ଉପରେ କାନ୍ଥକୁ ଆଉଜି ବସିଥିଲେ । ଦେହ ଫୁଲି ଯାଇଛି ବେଙ୍ଗ ପରି । ହଳଦିଆ ଦିଶୁଛି । ମୁହଁ ଫୁଲି, ଆଖି ଦୁଇଟା ଦିଶୁନାହିଁ । ପେଟଟା ଫୁଲି ଯାଇଛି ଗୋଟାଏ ଛୋଟିଆ ଓଳିଆ ପରି । ଗୋଡ଼ ହାତ ବାଉଁଶନଳୀ ପରି ସରୁ ସରୁ । ହାତରେ ଖଣ୍ଡେ ବାଡ଼ି ଧରି ଉଠିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ପାରୁନାହାନ୍ତି ।...ସେଥିପାଇଁ ସାରୀ ଉପରେ ଏତେ ଗାଳି ।

ଘର ଭିତରେ ବ୍ରଜବନ୍ଧୁଙ୍କର ଛାଇ ପଡ଼ିବାରୁ ରୁଗ୍‌ଣ କର୍କଶ କଣ୍ଠରେ ନିଧି ପଚାରିଲେ... “କିଏ? କିଏ ସେଠି ଠିଆ ହୋଇଛି? ବଇଦା-ରେ ଶଳା ।”

ବ୍ରଜବନ୍ଧୁ କହିଲେ... “ମୁଁ ବ୍ରଜ । ତମ ଦେହ କ’ ଣ ହୋଇଛି ନିଧି ଭାଇ?”

“ଦେହଟା ଫୁଲି ଯାଇଛି । ବିଶେଷ କିଛି ନୁହେଁ । କାର୍ତ୍ତିକ ମାସରେ ଜର ହୋଇଥିଲା । ଜର ଛାଡ଼ିଗଲା । ଦିନେ ବଇଦା କେଉଁଠୁ ସେରେ ଖଣ୍ଡେ କେରାଣ୍ଡି ଧରି ଆଣିଥିଲା । ସେତକ ହ୍ୟାପଃ ଖାଇଦେଲି । ତା’ ପରଠୋଉଁତ ଦେହ ଫୁଲି ଯାଇଛି । ଭଲ ହୋଇଯିବ । ଶଳା ନିତିଆ କବିରାଜ ଠାରୁ ଓଷଦ ଖାଇ ଖାଇ ପାଟିରେ ଛଡିଆ ପଡ଼ିଗଲାଣି । ଗଣି ଡାକ୍ତର ହୋମିଓପାଥି ଓଷଧ ଦଉଚି ।” ... ନିଧି ଏକା ନିଶ୍ୱାସରେ ଏତେଗୁଡ଼ାଏ କଥା କହି ଅଣନିଶ୍ୱାସୀ ହୋଇ ପଡ଼ିଲେ ।

ବ୍ରଜବନ୍ଧୁ କହିଲେ... “ବଡ଼ ଡାକ୍ତରଖାନା ଚାଲ । ଏ ଚିକିତ୍ସାରେ କିଛି ହେବ ନାହିଁ ।”

ନିଧି ଚିତ୍କାର କରି ଉଠିଲେ- "ଶଳା ସମସ୍ତେ ମୋ ମରିବାଟାକୁ ଅନେଇ ବସିଛନ୍ତି, ମୋ ଡିଅ ଖଣ୍ଡକ ମାଡ଼ି ବସିବେ ବୋଲି । ନାଇଁ ମୁଁ ଯିବି ନାଇଁ । ମଲେ ମରିବି, ଏଇଠି । ମୁଁ କୁଆଡ଼େ ଯିବି ନାହିଁ! ଗଣି ଡାକ୍ତର ଭଲ କରିଦେବ ମୋତେ ।"

ମାତ୍ର ଗଣି ଡାକ୍ତର ଓଷଦରେ ଭଲ ହେଲା ନାହିଁ । ମାସକ ତଳେ ସହରକୁ ଆସିଥିଲେ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ । ଆଜି ସନ୍ଧ୍ୟାରେ ପ୍ରାଣବାୟୁ ଉଡ଼ିଗଲା ।

ଏଇ ତାଙ୍କ ମଡ଼ା କମ୍ବଳରେ ଗୁଡ଼ା ହୋଇ ପଡ଼ିଛି ସେଠି ।

ବର୍ଷାର ବେଗ ସାମାନ୍ୟ କମି ଆସିଛି ।

ଅଳ୍ପ ଦୂରରେ ବାରଣ୍ଡାରେ ଦୁଇଟା ମଣିଷ ଛାଇ ପଡ଼ିଲା । ଫିସ୍ ଫିସ୍ ହୋଇ ଦୁଇଜଣ କ' ଣ କଥାବାର୍ତ୍ତା ହେଉଛନ୍ତି । ରାତି ଏଗାରଟା ବାଜି ଗଲାଣି । ବ୍ରଜବନ୍ଧୁ ମନେ ମନେ ଚିନ୍ତା କରୁଛନ୍ତି ଏଥର ଉଠିବେ ବୋଲି । କିନ୍ତୁ ନିଧି କାନଗୋଇଙ୍କ ମଡ଼ା ଏଠି ପକାଇ ଯିବେ କିପରି?-ତାହା ହିଁ ତ ସମସ୍ୟା ।

ଛାଇ ଦୁଇଟା ପାଖେଇ ଆସିଲା ।

ଶଙ୍କର ଗଉଡ଼ ଆଉ ମଧୁ ଗୋଛେଇତ । ଦୁହେଁ ରାତି ଡିଉଟିର ଜମାଦାର । ଦୁହିଙ୍କ ଓଠରେ ଦୁଇଟା ବିଡ଼ିର ଜଳନ୍ତା ଗୁଳ ଅନ୍ଧାରରେ ଦପ୍ ଦପ୍ ହେଉଛି ।

ଶଙ୍କର ଗଉଡ଼ ପଚାରିଲା- "କିଏ ବସିଛି ସେଠି?"

ବ୍ରଜବନ୍ଧୁ କହିଲେ... "ମୁଁ ।"

ଶଙ୍କର ପଚାରିଲା- "ଏ ଲାସ୍ ତମର? କେତେବେଳେ ଉଠିବ?"

ବ୍ରଜବନ୍ଧୁ କ' ଣ ଉତ୍ତର ଦେବେ ଭାବି ନ ପାରି ନୀରବରେ ବସି ରହିଲେ ।

ଶଙ୍କର ପୁଣି ପଚାରିଲା – "ଏ ଲାସ୍‌ର ଆଉ କିଏ ନିଜ ଲୋକ ଅଛନ୍ତି?"

ଲାସ୍‌ର ନିଜଲୋକ?... ବ୍ରଜବନ୍ଧୁ ଅନ୍ଧାରରେ ହସିଲେ!

ବ୍ରଜବନ୍ଧୁ କହିଲେ- "କାଲି ସକାଳେ ସମସ୍ତେ ଆସିବେ, ତା' ପୁଅ ଆସିବ । ଗାଁ ଏଠୁ ବାରମାଇଲ ରାସ୍ତା । ସେଥିରେ ପୁଣି ମେଘ । ରାତିରେ ଲାସ୍ ଏଇଠି ରହିବ କିନ୍ତୁ ।"

ଶଙ୍କର କହିଲା- "ଲୋକଟା ଏଠି ତେଇଶ ନମ୍ବର ବେଡ୍‌ରେ ମାସେ ପଡ଼ି ରହିଲା । ତା' ନିଜ ଲୋକ କେହି ଆସିବା ଦିନେତ ଦେଖିଲି ନାହିଁ । ସେ ମଲାଣି । ଆଉ କିଏ ଆସିବ?"

ବ୍ରଜବନ୍ଧୁ ନୀରବରେ ବସି ରହିଲେ ।

କାଲି ସକାଳେ କିଏ କିଏ ଆସିବେ, ବ୍ରଜବନ୍ଧୁ ସେଇଆ ମନେ ମନେ ଚିନ୍ତା କରୁଥିଲେ । ବଇଦ ଆସିବ । ବଡ଼ପୁଅ ମାଧବ ବାପା ମରିବା ଖବର ସୁଦ୍ଧା ପାଇବ ନାହିଁ । ନାଥ ଦାଦି ଆସିବେ ନାହିଁ । ତାଙ୍କ ଆସିବା ନ ଆସିବା ସମାନ । ଚଷା ସାଇଆ ମଡ଼ା ଭାଇ । କୁଞ୍ଜି ସ୍ୱାଇଁ କହିବେ, ତାଙ୍କ ଆସିବାରେ ଲାଭ କ'ଣ? ସେ ତ ମଡ଼ା ଛୁଇଁବେ ନାହିଁ । ଆଉ କିଏ?

ଶଙ୍କର ପଚାରିଲା... "ତୁମେ କ'ଣ ରାତି ସାରା ଏଠି ଜଗି ବସିବ?"

ନାଁ, ରାତି ସାରା ସେ ଏଠି ଜଗି ବସିବେ କେମିତି? ରାତି ଉଜାଗର ଫଳରେ ନାନା କଳ୍ପିତ ବ୍ୟାଧିର ଆକ୍ରମଣର ଆଶଙ୍କା ତାଙ୍କୁ ଆତଙ୍କିତ କରି ଦେଲା । ସେଥିରେ ପୁଣି ସର୍ଦ୍ଦି । ଖରାବେଳେ ଦେହ କସ୍‌ମସ୍ କରୁଥିଲା ।

ନିଧି କାନଗୋଇ ବିତ୍ତହୀନ । ତାଙ୍କ ଉତ୍ତରାଧିକାରୀମାନେ ପ୍ରତିପତ୍ତିହୀନ । ନିଧି କାନଗୋଇଙ୍କ ମଡ଼ା ପାଖରେ ରାତିସାରା ଉଜାଗର ହୋଇ ବସି ରହିଲେ, କୌଣସି ଐହିକ କଲ୍ୟାଣର ଆଶା ନାହିଁ । ନିଧି କାନଗୋଇ ହୁଅନ୍ତୁ ପଛେ ସାଇଭାଇ, ହୁଅନ୍ତୁ ପଛେ ସ୍ୱଜନ ।

ବ୍ରଜବନ୍ଧୁଙ୍କର ମନେ ପଡ଼ିଲା ଆଉ ଗୋଟିଏ ଏମିତି ରାତିର କଥା । ଏମିତି ଝଡ଼, ବର୍ଷା ଆଉ ଅନ୍ଧକାର । ରାମେଶ୍ୱର ବାବୁଙ୍କ ସ୍ତ୍ରୀ ମରିଗଲେ । ରାମେଶ୍ୱର ବାବୁ ଜଜ୍ ସାହେବ । ଝଡ଼, ବର୍ଷା ଆଉ ଅନ୍ଧାର ସତ୍ତ୍ୱେ, ଆତ୍ମୀୟ, ସ୍ୱଜନ ଆହୂତ, ଅନାହୂତ ଓ ରବାହୂତଙ୍କ ଗହଳିରେ, ଦାଣ୍ଡ ପୂରିଗଲା । ବର୍ଷାରେ ଶବଦାହ ହେବ କିପରି? ଆଉ କ'ଣ ବାସୀମଡ଼ା ହେବ? ମାରୱାଡ଼ିମାନଙ୍କ ଘରୁ ରାତି ଅଧରେ ବୁହା ହୋଇ ଆସିଲା କେରପାଲ୍ । ବ୍ରଜବନ୍ଧୁଙ୍କୁ କେହି ଅନୁରୋଧ କରି ନାହିଁ । ଜଜ୍ ସାହେବଙ୍କ ବ୍ୟାପାରରେ ସାମାନ୍ୟ ସ୍କୁଲଶିକ୍ଷକ ବ୍ରଜବନ୍ଧୁଙ୍କୁ କିଏ ଅନୁରୋଧ କରନ୍ତା ବା କାହିଁକି? ରାମେଶ୍ୱର ବାବୁଙ୍କ ପିଲାମାନଙ୍କୁ ସେ ଟ୍ୟୁସନ୍ କରନ୍ତି ସତ । ମାତ୍ର ମାରୱାଡିମାନଙ୍କ ଘରୁ କେର୍‌ପାଲ ଆଣିବା ପାଇଁ ସାମାନ୍ୟ ସ୍କୁଲ ଶିକ୍ଷକ ଅପେକ୍ଷା ସେଠାରେ ଆହୁରି ବହୁ ଧନୀ ଆଉ ଗୁଣୀ ଓକିଲ ଥିଲେ । କେର୍‌ପାଲ ଆସିଲା । ମାତ୍ର ଓଦା କାଠରେ ନିଆଁ ଧରିବ କିପରି? କାଠ ଓଦା ହେଉ, ଗୁଆ ଘିଅ ଢାଳିଲେ କାଠ ନିଭିବ ନାହିଁ । ରାତି ବାରଟା ବେଳେ ଏତେ ଘିଅ ଆସିବ କେଉଁଠୁ? ଦଳେ ଛୁଟିଲେ ଘିଅ ସଂଗ୍ରହ ପାଇଁ । ବ୍ରଜବନ୍ଧୁ ତିନ୍ତି ବୁଡ଼ି ଅକାରଣରେ ଏପଟ ସେପଟ ହେଉଥିଲେ, ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ । ରାମେଶ୍ୱର ବାବୁଙ୍କ ଆଗରେ ତାଙ୍କ ଶୋକବିହ୍ୱଳ କର୍ମବ୍ୟସ୍ତତା ଅତିରଞ୍ଜିତ ହୋଇ ପଡୁଥିଲା! ରାମେଶ୍ୱର ବାବୁ ଜଜ୍‌ସାହେବ । ତାଙ୍କ ସ୍ତ୍ରୀଙ୍କ ଶବସତ୍କାର କାର୍ଯ୍ୟରେ ଝଡ଼ ବର୍ଷା ନମାନି ଲାଗି ପଡ଼ିଲେ, ତାଙ୍କ ସ୍ତ୍ରୀଙ୍କ ପାରତ୍ରିକ କଲ୍ୟାଣ ହେଉ ବା ନ ହେଉ, ନିଜର ଐହିକ କଲ୍ୟାଣ ସୁନିଶ୍ଚିତ । ଏତେ ଝଡ଼ ବର୍ଷାରେ ସୁଦ୍ଧା ଶବ ଚାଲିଗଲା । ଶବ ବାହାରିଲା ବେଳୁ ବ୍ରଜବନ୍ଧୁ ରାସ୍ତା କାଦୁଅରେ ଭୋ ଭୋ କାନ୍ଦି ପଟେ ଗଡ଼ିଗଲେ । ରାମେଶ୍ୱର ବାବୁ ଶେଷକୁ ଆସି ତାଙ୍କୁ ତଳୁ ଉଠାଇ କହିଲେ... "ଉଠ, ବ୍ରଜବନ୍ଧୁ । ପିଲାମାନଙ୍କୁ ପାଖରେ ରଖି ସାନ୍ତ୍ୱନା ଦିଅ । ଆମେ ମଶାଣିକୁ ଯାଉଛୁ ।"

ବ୍ରଜବନ୍ଧୁ ମନେ ମନେ କୃତାର୍ଥ ହୋଇଗଲେ ।

କିନ୍ତୁ ଏ ତ ଅପାଣ୍ଡବା ହରିପୁର ଗାଁ ଅଭିଶପ୍ତ କାନଗାଇ ସାହିର ନିଧି କାନଗୋଇ! ଏଇ ସେ ଅନ୍ଧାର କୋଣରେ ତାଙ୍କ ମଡ଼ା ଖଣ୍ଡେ ଛିଣ୍ଡା କମ୍ବଳରେ ଗୁଡ଼ା ହୋଇ ପଡ଼ିଛି । ଗୋଟିଏ କୁକୁର କେତେବେଳେ ଆସି ମଡ଼ା ଠାରୁ ଅଳ୍ପ ଦୂରରେ ପଛ ଦୁଇପାଦ ଭାଙ୍ଗି ଆଗ ଦୁଇପାଦ ଠିଆ ରଖି କ୍ଷୁଧିତ ଆଖିରେ ଚାହିଁ ବସିଲାଣି ।

ବ୍ରଜବନ୍ଧୁ ପାଟିଗଲେ... "ଧୂତ୍, ଏଇ ଧୂତ୍!"

କୁକୁରଟା ବ୍ରଜବନ୍ଧୁଙ୍କ ଆଡ଼େ ଚାହିଁ, ଓଠ ଉପରେ ଜିଭ ବୁଲାଇ ବୁଲାଇ ଚାଲିଗଲା ।

ଶଙ୍କର କହିଲା... "ଟିକିଏ ଆଡ଼ ହେଲେ ଏ ଶଳା କୁକୁର ପଲ ସଫା କରିଦେବେ ।"

ବ୍ରଜବନ୍ଧୁ ପଚାରିଲେ... "ଜଗିବା ପାଇଁ କେହି ଲୋକ ମିଳିବେ ନାହିଁ?"

ଶଙ୍କର କହିଲା... "କହିବ ଯଦି ଆମେ ଜଗିବୁ । ପାଞ୍ଚଟଙ୍କା ଦେବ!"

ବ୍ରଜବନ୍ଧୁ କହିଲେ... "ତିନିଟଙ୍କା ଦେବି । ହେଇ ଟଙ୍କାଏ ଆଗତୁରା ରଖ ।"

ଶଙ୍କର ବ୍ରଜବନ୍ଧୁଙ୍କ ହାତରୁ ଟଙ୍କାକିଆ ନୋଟ୍‌ଟା ନେଇ ପକେଟରେ ପୂରାଇ ରଖି କହିଲା... "ହଉ, ଦିଅ, କ' ଣ କରିବା!"

ବ୍ରଜବନ୍ଧୁ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ ଉଠିଲେ । ବର୍ଷା ଛାଡ଼ି ଆସିଛି । ମାତ୍ର ଆକାଶ ଅନ୍ଧକାର! ଶଙ୍କର ଗଉଡ଼, ସେହି ନିର୍ଜନ ନୀରବତା ଭିତରେ ଗୋଟାଏ ଗଳାଖଙ୍କାର ମାରିଲା... ସଫଳତାର ତୃପ୍ତିରେ ଅକାରଣ ଗଳାଖଙ୍କାର ।

ପରଦିନ ଦୁଇପ୍ରହର ବେଳକୁ ହରିପୁରିଆ ମଡ଼ା ଭାଇମାନେ ଆସିଲେ । ବିଲବାଡ଼ି ବେଉଷୁଣ ଦିନ । ପଛୁଆ ବର୍ଷା ହେଉଛି । ମୁଲିଆ ମିଳିବା ମୁସ୍କିଲ । ସିନ୍ଧୁ କାନଗୋଇ ଆସିଛନ୍ତି, ନିଧିଙ୍କ ଦାଦିପୁଅ ସାନଭାଇ । ଘରେ ବହୁତ ଜଞ୍ଜାଳ । ଆସି ନ ଥାନ୍ତେ, ନ ଆସିଲେ ଚଳୁଛି କେଉଁଠୁ? ବଇଦ ପିଲାଲୋକ । ମାହାନ୍ତି ସାଇଆ କେହି ଆସିଲେ ନାହିଁ । ଏକା ଆସିଲା ଦାମୋଦର । ସେ କିନ୍ତୁ ମଡ଼ା ଛୁଇଁବ ନାହିଁ । ଆସିଲାବେଳେ ଘରେ ମନା କରିଛନ୍ତି । "ଘର" ପୁଣି କୁଆଡ଼େ ଭାରୀ ହୋଇଛନ୍ତି । ଚଷା ସାଇରୁ ଆସିଛନ୍ତି ନଟ ଆଉ ଗୋବିନ୍ଦ । ବଇଦ ଟଙ୍କା ଆଣିନାହିଁ । ତା' ପାଖରେ ଟଙ୍କା ନାହିଁ । ଟଙ୍କା ଦେବ କିଏ? ଅତି କମ୍‌ରେ ଅବିକା କୋଡ଼ିଏ ଟଙ୍କା ପଡ଼ିବ । ମାଷ୍ଟରୀ ଚାକିରିରେ ରକ୍ତ-ଝାଳକରା ପଇସା! ବ୍ରଜବନ୍ଧୁ ଦେହରୁ କୋଡ଼ିଏ ବିନ୍ଦୁ ରକ୍ତ ଅକ୍ଳେଶରେ ନିଗାଡ଼ି ଦେଇ ପାରିବେ, କିନ୍ତୁ ଅଣ୍ଟାରୁ କୋଡ଼ିଏ ଟଙ୍କା କାଢ଼ି ଗଣି ଦେବା ଅସମ୍ଭବ । ବଇଦ ଯଦି ସାରୁବାଡ଼ିପାଖ ତାଳଗଛ ତିନିଟା ବଦଳ ଦିଅନ୍ତା, ତା' ହେଲେ କେଜାଣି ସେ ରାଜି ହୁଅନ୍ତେ । ଘରତିଆରି ପାଇଁ ଭଲ ରୁଅ ହେବ । ତାଳ ରୁଅ ବଡ଼ ମଜବୁତ । ବଇଦ ଏଣେ ତେଣେ ଚାହିଁ, ବିଡ଼ିରୁ ଧୂଆଁ ଛାଡୁଛି । ବୋକାଙ୍କ ପରି ଚାରି ଆଡକୁ ଚାହୁଁଛି । ମଡାଭାଇମାନଙ୍କ ମଧ୍ୟରେ ଶବସତ୍କାର ଘେନି ଚାଲିଛି ତୁମୁଳ ଯୁକ୍ତି ତର୍କ । ବ୍ରଜବନ୍ଧୁ ତଳକୁ ମୁଣ୍ଡ ନୁଆଁଇ ମଡ଼ାଭାଇମାନଙ୍କ ସଙ୍ଗରେ ଆସୁଛନ୍ତି ।

ହଠାତ୍ ସାମାନ୍ୟ କଥାରେ ଲାଗିଲା ଘୋର କଳିଗୋଳ ।

ଦାମୋଦର କହିଲେ- "ସିନ୍ଧୁ ଭାଇ ଯାହା ଟଙ୍କା ଲାଗିବ ଦିଅନ୍ତୁ । ଦାଦିପୁଅ ଭାଇ । ବଇଦ ତ ପିଲାଲୋକ । ଢିଅବାଡ଼ି ତାଙ୍କ ଛଡ଼ା ଆଉ ଭୋଗ କରିବାକୁ ଅଛି କିଏ?" ଏ କଥାଟା ଆଗେ ଆରମ୍ଭ କରିବା ପାଇଁ ବ୍ରଜବନ୍ଧୁ ଦାମୋଦରକୁ ଆଗରୁ ମନେଇ ଥିଲେ ।

ସିନ୍ଧୁ ଦପ୍ କରି ଜଳି ଉଠି ଚିତ୍କାର କଲେ... "ଶଳା ହରିପୁରିଆ ପରା ସଜ ମାଛରେ ପୋକ ପକାଇବେ । ମୋ ସମ୍ପତ୍ତି ତ ଭୂତ ଖାଉଛି । ନିଧିଭାଇ ଚାନ୍ଦପୁର ଗହୀରରେ ଅଠର ଗୁଣ୍ଠ ଇଜମାଲୀ ଧାନଜମି, ସବୁ ଖାଉଥିଲେ । ଭାଗ ମାଗିଲେ ଠେଙ୍ଗା କାଢ଼ନ୍ତି । ଆଉ ମୁଁ ଯାଉଛି ବଇଦା ସମ୍ପତ୍ତିକୁ ଆଖି ଦେବାକୁ! କାହିଁକି ତମେ ଦେଉନା ଦାମ! ତମ ବାପା ମଲେ ଯେ ଦେହରେ ପୋକ ପଡ଼ିଥିଲା । ତମ ମାହାନ୍ତି ସାଇଆ ଶବ ନେବା ପାଇଁ ବାହାରିଲେ ନାହିଁ । ନିଧିଭାଇ ଗଳାରୁ ପରା ତାଙ୍କ ଶବ ଉଠିଲା! ତମେ ଅବିକା ଦେଉ ନାହଁ?"

ଦାମୋଦର ଆଉ ସିନ୍ଧୁଙ୍କ ମଧ୍ୟରେ କଥା କଟାକଟି କ୍ରମେ ହାତ ଉଠାଉଠି ପର୍ଯ୍ୟନ୍ତ ଗଲା l ଅବସ୍ଥା ଏଆଡ଼େ ଗତି କରିବ ବୋଲି ବ୍ରଜବନ୍ଧୁ ଭାବି ନ ଥିଲେ l ତାଙ୍କରି ମଧ୍ୟସ୍ଥତାରେ କଳି ଛିଣ୍ଡିଲା l

ସ୍ଥିର ହେଲା, ମଡ଼ା ତ ବାସୀ ହେଲାଣି, ଶବ ଦାହ କରିବା ମହା ଜଞ୍ଜାଳ, ନଈରେ ଭସେଇ ଦେଲେ ଛିଣ୍ଡିଯିବ! ଡାକ୍ତରଖାନା ଠେଲା ଗାଡ଼ିରେ ଠେଲି ନେଲେ ମଧ୍ୟ ଚଳିବ! କୋକେଇବାଉଁଶ ଦରକାର ନାହିଁ l

ମାତ୍ର ନିଧି କାନଗୋଇଙ୍କ ମଡ଼ା, ସକାଳୁ ମର୍ଗ୍‌କୁ ଉଠି ଯାଇଛି l ବେୱାରିସ୍ ଲାସ୍ l ରାତି ପାହାନ୍ତାକୁ ଦଳେ କୁକୁର ମଡ଼ା ଉପରର କମ୍ବଳଟା ଟାଣି କାମୁଡ଼ା କାମୁଡ଼ି ଲଗାଇବାରୁ, ୱାର୍ଡ ଡାକ୍ତର ମେହେନ୍ତରଙ୍କ ହାତରେ ଲାସ୍ ଉଠାଇ ନେଲେ ମର୍ଗକୁ l ମଡ଼ା ଦେହକୁ ଫର୍ମାଲିନ୍ ଦେଇ “ଫିକ୍‌ସ” କରାଗଲାଣି ଡିସେକସନ୍ ପାଇଁ l

ଆଉ ମଡ଼ା ମିଳିବ ନାଇଁ!

ଶଙ୍କର ଗଉଡ଼ ଆଖି ମିଟ୍ ମିଟ୍ କରି ହରିପୁରିଆଙ୍କୁ ଧମକାଉ ଥିଲା “ତମେ ସକାଳେ ଆସିଲ ନାଇଁ l ରୋଗୀ ମଲାଣି କାଲି ସଞ୍ଜବେଳୁ l ମୋର ଆଉ ବାକି ଦୁଇଟଙ୍କା ଦେଇଦିଅ l”

ବ୍ରଜବନ୍ଧୁ ନିପଟ ମଫସଲିଆ ନୁହନ୍ତି ଯେ, ତାଙ୍କୁ ଡାକ୍ତରଖାନା ଜମାଦାର ଏମିତି ଭୁରୁଡେଇ ଦେବ l ଲାସ୍ ଚବିଶ ଘଣ୍ଟା  ରହିବା କଥା l ଲାସ୍ ନ ମିଳିଲେ ସେ ଏବେ ଯାଇଁ ଖବରକାଗଜରେ ଖବର ଛପେଇବେ l ମନ୍ତ୍ରୀଙ୍କ ପାଖକୁ ଯିବେ l ଖେଳଘର ପଡ଼ିଛି ନାଁ କ’   ଣ?

ଶେଷରେ ସୁପରିଟେଣ୍ଡେଂଟ୍ ସାହେବଙ୍କ କଥାରେ ଲାସ୍ ମିଳିଲା l କିନ୍ତୁ ଏ ତ ଲାସ୍ ନୁହେଁ, ମଲା ମଇଁଷି ପରି ଲାସ୍ ଫୁଲିଛି l ଆଖି, କାନ, ନାକ ବାଟେ ମଡ଼ା ଦେହରୁ ଦୁର୍ଗନ୍ଧ ପାଣି ଧାର ବୋହୁଛି l ଜିଭଟା ଫୁଲି ବାହାରକୁ ବାହାରିପଡ଼ିଛି ଗୋରୁ ଜିଭ ପରି l ଦୁଇଜଣ ମେହନ୍ତର ନିଧି କାନଗୋଇଙ୍କ ଶବ ଗୋଟାଏ ଦୁଇଚକିଆ ଠେଲା ଷ୍ଟ୍ରେଚ୍‌ର ଉପରେ ପକାଇ ବାହାରକୁ କାଢ଼ି ଆଣିଲେ l

ହରିପୁରିଆ ନାକରେ ଲୁଗା ଦେଲେ l

ଏ ଶବକୁ ନଈ ପର୍ଯ୍ୟନ୍ତ ଏବେ ନିଆଯିବ କିପରି? ସେ ସମ୍ପର୍କରେ ଢେର ତର୍କ ଲାଗିଲା l ଶଙ୍କର ଗଉଡ଼ ବ୍ରଜବନ୍ଧୁଙ୍କ ଠାରୁ ବାକି ଦୁଇଟଙ୍କା ଆଦାୟ କରିବା ପରେ, ବ୍ରଜବନ୍ଧୁଙ୍କର ମାନସିକ ଅବସ୍ଥା ଭଲ ନ ଥିଲା l ସେ ଅଳ୍ପ ଦୂରରେ ଖଣ୍ଡେ ପଥର ଉପରେ ତଳକୁ ମୁଣ୍ଡ ନୁଆଇଁ ବସିଥିଲେ l ଦାମ ତ ମଡ଼ା ଛୁଇଁବେ ନାହିଁ, ଆଗରୁ କଥା କରି ଆସିଛନ୍ତି l ମଡ଼ା ଛୁଇଁବା ପାଇଁ ଘରେ ମନା କରିଛନ୍ତି l

ସିନ୍ଧୁ କହିଲେ... “ଏ ମଡ଼ା ତ ଆମେ ଛୁଇଁବୁ ନାହିଁ l ମେହେନ୍ତର ଛୁଇଁଲେଣି l ଛୁଇଁଲେ ପ୍ରାୟଶ୍ଚିତ କରିବାକୁ ପଡ଼ିବ l”

ନିଧି କାନଗୋଇଙ୍କ ପୁଅ ବଇଦ, ନିର୍ବୋଧ ପରି ସମସ୍ତଙ୍କ ଆଡ଼େ ଚାହିଁ ଖଣ୍ଡେ ବିଡ଼ି ଟାଣୁଥିଲା l ଅନ୍ୟମାନେ ସମସ୍ତେ ଧୀରେ ଧୀରେ ନିଧି କାନଗୋଇଙ୍କ ମଡ଼ାଠାରୁ ଦୂରକୁ ଦୂରକୁ ଘୁଞ୍ଚି ଯାଉଥିଲେ l

ଶଙ୍କର ଗଉଡ଼ କହିଲା... “ଜୀବ ତ ଗଲାଣି l ବଞ୍ଚିଥିବାଯାଏ ଛୁଆଁ ଅଛୁଆଁ, ଜାତି ଅଜାତି ବିଚାର l ଅବିକା ପୋଡ଼ିଲେ କି ପୋତିଲେ କି ଭସେଇଦେଲେ ସବୁ ସମାନ l ଆମେ ଏଇ ହାତରେ ଏମିତି କେତେ ମଡ଼ା ଉଠେଇଲୁଣି l ଆମକୁ ଛାଡ଼ିଦିଅ, ଆମେ ନଈରେ ଭସେଇଦେବୁ l ଲାସ୍‌ପିଛା ଏକା ପାଞ୍ଚଟଙ୍କା ଦେବ ବାବୁ!”

ହରିପୁରିଆ ପରସ୍ପର ମୁହଁ ଚାହାଁ ଚାହିଁ ହୋଇ ଶଙ୍କର ଗଉଡ଼ର ପ୍ରସ୍ତାବ ସମ୍ପର୍କରେ ଆଲୋଚନା ଆରମ୍ଭ କରିଦେଲେ । ବ୍ରଜବନ୍ଧୁ କହିଲେ... "ହଁ, ସେଇଆ କର । ମୋଟ ପାଞ୍ଚଟଙ୍କା ଦେଉଛୁ, ସେତିକିରେ ଶବ ସତ୍କାର କରିଦିଅ । ନଇ ତ ବେଶୀ ବାଟ ନୁହେଁ, ଏଇ ଦିଶୁଛି ।"

ସମସ୍ତେ ଅଳ୍ପ ଦୂରରେ ନଈବନ୍ଧ ଉପରର ଝଙ୍କାଳିଆ ବରଗଛଆଡ଼େ ଅନାଇଲେ । କୋଉ କାଳର ବୁଢ଼ା ବରଗଛ ଉପରେ ଖଣ୍ଡେ ଧୂଆଁଳିଆ ମେଘ ଯେମିତି ଝୁଲି ପଡ଼ିଥଲା । ଦୁଇଟା ଶାର୍ଗୁଣା ସେହି ବରଗଛ ଉପରେ ଚକର ଖାଇ ଉଡୁଥିଲେ ।

ଶଙ୍କର କହିଲା... "ହଉ, ଯାହା ଦଉଛ ଦିଅ । ନଇଲେ ବାବୁ ଏ ପାଞ୍ଚଟଙ୍କା ର କାମ ନୁହେଁ!"

ବ୍ରଜବନ୍ଧୁ ପକେଟରୁ ପାଞ୍ଚଟଙ୍କିଆ ନୋଟ ଖଣ୍ଡେ କାଢ଼ି ଶଙ୍କର ହାତରେ ଦେଇ କହିଲେ... "ଆମେ ଯାଉଛୁ ଏଥର । ଶବକୁ ନେଇ ଟିକିଏ ବେଶୀ ପାଣିରେ ଭସାଇ ଦେବ, ଯେମିତି କୂଳରେ ଲାଗି ଅଟକି ନ ଯାଏ ।"

ସିନ୍ଧୁ କହିଲେ... "ଦେ ବଇଦା, ବାପା ମୁହଁରେ ମୁଠାଏ ମାଟି ଦେଇ ଦେ । ସେମିତି ବୋକାଙ୍କ ପରି ମିଟିମିଟି ଚାହିଁ ଦେଖୁଛୁ କ' ଣ? ମଣିଷ ଜୀବନ ତ ସେଇଆ ।"

ବଇଦ ତଳୁ ମୁଠାଏ ଘାସମିଶା ଓଦାମାଟି ଉଠାଇ ନିଧି କାନଗୋଇଙ୍କ ମଡ଼ା ଉପରକୁ ପକାଇ ଦେଲା । ସିନ୍ଧୁ ଆପତ୍ତି କଲେ, ଉପରେ ମାଟି ଦେଲେ ହେବ ନାହିଁ । ମୁହଁରେ ଦେବା ପାଇଁ ପଡ଼ିବ । ମାତ୍ର ମଡ଼ାର ମୁହଁ ପାଖକୁ ଯିବା ପାଇଁ ବଇଦକୁ ଭୟ ଲାଗୁଥିଲା । ପାଖକୁ ଗଲେ ପଚାଶବର ଦୁର୍ଗନ୍ଧରେ ପେଟରୁ ଭାତ ବାହାରି ପଡ଼ିବ ।

ସିନ୍ଧୁ ଧମକାଇଲେ... "ବାପା ହୋଇ ତୋତେ ଜନ୍ମ ଦେଇଥିଲା! ଚଣ୍ଡାଳ, ମୁହଁରେ ମୁଠାଏ ମାଟି ସୁଦ୍ଧା ଦେଲା ନାହିଁ!"

ମାତ୍ର ବଇଦ ତଳୁ ଆଉ ମୁଠାଏ ମାଟି ଉଠାଉ ଉଠାଉ ଶଙ୍କର ଗଉଡ଼ ଚକଲଗା ଷ୍ଟ୍ରେଚର୍‌ଟା ଠେଲି ଆଗକୁ କେଇ ପାହୁଣ୍ଡ ଚାଲି ଯାଇଥିଲା ।

ସିନ୍ଧୁ କହିଲେ... "ଚୁପ୍ ହୋଇ ସବୁ ଠିଆ ହୋଇଛ କ' ଣ? କୁହ ରାମ ନାମ ସତ୍ୟ ହେ!"

ହରିପୁରିଆ ପାଟି କଲେ... "ରାମ ନାମ ସତ୍ୟ ହେ!" ଶଙ୍କର ଗଉଡ଼ ପଛେ ପଛେ ଧାଇଁ ଥିଲେ ଦୁଇଟା କୁକୁର । ଶଙ୍କର ସେମାନଙ୍କୁ ଟେକା ଫିଙ୍ଗି, ଅଶ୍ରାବ୍ୟ ଭାଷାରେ ଗାଳି ଦେଇ ଦେଇ ଚାଲିଗଲା ।

ହରିପୁରିଆ ସେହିଆଡ଼େ ନିର୍ବାକ ଭାବରେ ଚାହିଁ ରହିଥିଲେ ।

ଦାରିଦ୍ର୍ୟ-ନିପୀଡ଼ିତ, ସୂକ୍ଷ୍ମ-ଅନୁଭୂତି-ବୋଧହୀନ ଗ୍ରାମ୍ୟପ୍ରାଣର ସବୁ କ୍ଷୁଦ୍ରତା, ସବୁ ସଂକୀର୍ଣ୍ଣତା ଓ ସବୁ କଦାକାର ସ୍ଥୂଳତାକୁ ବୁଡ଼ାଇ ହରିପୁରିଆଙ୍କ ଆଖି ମୁହୂର୍ତ୍ତକ ପାଇଁ ଲୋତକାପ୍ଲୁତ ହୋଇ ଉଠିଲା ।

ସିନ୍ଧୁ ଆଖିରୁ ଲୁହ ପୋଛି କହିଲେ- "ନିଧିଭାଇ ଡାକ ଆଜିଠାରୁ ନିଭିଗଲା ଜାଣ!"

ବଇଦ "ଇଲୋ ବାପା ଲୋ" ବାହୁନି ତଳେ ଲୋଟି ପଡ଼ିଲା ।

ବ୍ରଜବନ୍ଧୁଙ୍କ ଦୁଇ ଆଖି ଲୁହରେ ଛଳଛଳ ହୋଇ ଆସିଥିଲା । ସେ ସାନ୍ତ୍ୱନା ଦେଇ ବଇଦକୁ ତଳୁ ଉଠାଉ ଉଠାଉ ନିଜେ କାନ୍ଦି ପକାଇଲେ ।

ଶଙ୍କର ଗଉଡ଼ ତଥାପି ସେ ପର୍ଯ୍ୟନ୍ତ ଅଦୃଶ୍ୟ ହୋଇ ନ ଥିଲା । ଏଇ ଆଗ ମୋଡ଼ରେ ସେହି ଓସ୍ତ ଗଛ ପାଖରେ ବାଙ୍କିଗଲେ ନିଧି କାନଗୋଇଙ୍କ ମଡ଼ା ଆଉ ଦିଶିବ ନାହିଁ । ସେହିଆଡ଼େ ସମସ୍ତେ ଲୁହ ଛଳଛଳ ଆଖିରେ ଅନାଇଁ ରହିଥିଲେ ।

ସିନ୍ଧୁଙ୍କ ସାତଦିନ ତଳର ରୁଢ଼ ନକଟା ଦୁଇ ଗାଲ ଉପରେ ଦୁଇବିନ୍ଦୁ ଲୁହ ଥପ ଥପ ହୋଇ ଗଡ଼ି ପଡୁଥିଲା ।

ଦାମୋଦରଙ୍କ ବୁଢ଼ିଆଣୀ ଜାଲ ପରି ରେଖାଟଣା ଶୁଖିଲା ମୁହଁରେ ଟାଣ ରେଖାଗୁଡ଼ାକ ଲୁହରେ କୋମଳ ହୋଇ ଆସିଥିଲା ।

ବଇଦ ତଳେ ମାଟିରେ ଦୁଇ ଆଣ୍ଠୁ ଉପରେ ମୁଣ୍ଡ ରଖି ବାହୁନି କାନ୍ଦୁଥିଲା ।

ନଟ ଓ ଗୋବିନ୍ଦ ଉଦାସ ଆଖିରେ ଅଳ୍ପଦୂରରେ କ୍ରମେ ଅଦୃଶ୍ୟ ହୋଇ ଯାଉଥିବା ଶଙ୍କର ଗଉଡ଼ ଓ ନିଧି କାନଗୋଇଙ୍କ ମଡ଼ା ଆଡ଼େ ଚାହିଁଥିଲେ ।

ଓସ୍ତଗଛ ବାଙ୍କରେ ଶଙ୍କର ଗଉଡ଼ ଦଣ୍ଡେ ରହିଯାଇଁ ହରିପୁରିଆ ମଡ଼ାଭାଇଙ୍କ ଆଡ଼େ ଚାହିଁଲା । କାଳେ ସେମାନେ ଶବ ପଛେ ପଛେ କେହି ଆସୁଥିବେ ବୋଲି ସେ ମନେ ମନେ ଆଶଙ୍କା କରୁଥିଲା ।

ମାତ୍ର ସେମାନେ ମର୍ଗସାମ୍ନା ପଡ଼ିଆରେ ତଥାପି ଦଳ ବାନ୍ଧି ଠିଆ ହୋଇଥିଲେ । ସେମାନେ କେହି ଆସିବେ ନାହିଁ ।

ଏତେଦିନେ ଗୋଟାଏ ମଡ଼ା ମିଳିଛି । ହାଡ଼ କାଢ଼ି ବିକ୍ରି କଲେ ଅଢ଼େଇଶହ ଟଙ୍କା ମିଳିବ । ପଛରେ ଗୋଟାଏ କୁକୁର ବାସୀମଡ଼ାର ପଚା ଗନ୍ଧ ବାରି ବାରି ଛୁଟିଥିଲା । ଶଙ୍କର ଅଶ୍ରାବ୍ୟ ଭାଷାରେ ଗାଳି ଦେଇ କୁକୁର ଉପରକୁ ଗୋଟାଏ ଢେଲା ପକାଇ, ବନ୍ଧ ତଳର ମେହେନ୍ତର ସାଇଆଡ଼େ ଷ୍ଟ୍ରେଚର୍ ଗଡ଼ାଇଦେଲା ।

(୧୯୫୭)